# ଭବିଷ୍ୟତକୁ କଳ୍ପନା କରି ପାରିଲେ ପ୍ରଗତି ନିଶ୍ଚିତ : ଶ୍ରୀ ଗୁପ୍ତା

## ଆଇଆଇପିଏମ୍‌ରେ ପିଜିଡିଏମ୍‌ର ଷଷ୍ଠ ବ୍ୟାଚ୍ ଆରମ୍ଭ



ରାଉରକେଲା, ତା ୨।୮ (ନି.ପ୍ର.)—"ଆମେ ସମସ୍ତେ ଆମ ଅତୀତକୁ ଜାଣିଥାଉ । କିନ୍ତୁ ଭବିଷ୍ୟତ କ'ଣ ହେବ, ସେ ବିଷୟରେ କେହି ଜାଣନ୍ତି ନାହିଁ । ତେବେ ଯଦି ଭବିଷ୍ୟତକୁ କଳ୍ପନା କରି ତଦନୁଯାୟୀ ଏବେଠାରୁ ପଦକ୍ଷେପ ନେଇପାରୁ, ତେବେ ଆମ ପ୍ରଗତିକୁ କେହି ରୋକି ପାରିବେ ନାହିଁ ।" ଆଜି କାଁଶବାହାଲ ସ୍ଥିତ ଆଇଆଇପିଏମ୍‌ରେ ବୈଷୟିକ ପରିଚାଳନା(ପିଜିଡିଏମ୍) ପାଠ୍ୟକ୍ରମର ଷଷ୍ଠ ବ୍ୟାଚ୍ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଏଲ୍ ଏନ୍ ଟି'ର ଜିଏମ୍ ଏସ୍.କେ.ଗୁପ୍ତା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି ।

୨୦୦୭–୦୮ ଶିକ୍ଷାବର୍ଷ ପାଇଁ ପିଜିଡିଏମ୍ ପାଠ୍ୟକ୍ରମ ଆରମ୍ଭ ହେଉଥିବାରୁ ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ଆଇଆଇପିଏମ୍ ପରିସରରେ ଆୟୋଜିତ ଏକ ଉତ୍ସବକୁ ଶ୍ରୀ ଗୁପ୍ତା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିବାବେଳେ ଏନ୍‌ଆଇଟିର ନିର୍ଦ୍ଦେଶକ ଡ.ସୁନିଲ ଷଡ଼ଙ୍ଗୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ଗୁପ୍ତା ଛାତ୍ରଛାତ୍ରୀମାନଙ୍କୁ ଦେଶର ଭବିଷ୍ୟତ ବୋଲି ବର୍ଣ୍ଣନା କରି କହିଲେ ଯେ ଆର୍ଥିକ ଉଦାରୀକରଣ ପରେ ଔଦ୍ୟୋଗିକ କ୍ଷେତ୍ରରେ ଭାରତ ପ୍ରଗତି କରିଥିଲେ ମଧ୍ୟ ଏଯାଏ ଏରୋପ୍ଲେନ୍ ବା ଟ୍ୟାଙ୍କ୍ ନିର୍ମାଣ କଲା ଭଳି କୌଣସି କମ୍ପାନୀ ସୃଷ୍ଟି ହୋଇନାହିଁ । ତେଣୁ ବୈଷୟିକ ଶିକ୍ଷାଲାଭ କରିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ଭବିଷ୍ୟତରେ ହେବାକୁ ଯାଉଥିବା ପରିବର୍ତ୍ତନକୁ ଆଖିରେ ରଖି ଏବେଠାରୁ ନିଜକୁ ପ୍ରସ୍ତୁତ ହେବା ଉଚିତ । ଏହାଛଡ଼ା ଶ୍ରୀ ଗୁପ୍ତା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାର୍ଜନ ସାଙ୍ଗକୁ ଶାରୀରିକ, ମାନସିକ, ଭାବଗତ ଓ ଆଧ୍ୟାତ୍ମିକ ଆଦି ନିଜ ବ୍ୟକ୍ତିତ୍ୱର ଚାରିଟି ସ୍ତରର ବିକାଶ କରିବାକୁ ଆହ୍ୱାନ ଜଣାଇଥିଲେ ।

ଡ.ଷଡ଼ଙ୍ଗୀ କହିଲେ ଯେ ଆଇଆଇପିଏମ୍ ଭଳି ଶିକ୍ଷାନୁଷ୍ଠାନମାନେ ଛାତ୍ରଛାତ୍ରୀଙ୍କ ଲାଗି ୧୦୦ ପ୍ରତିଶତ ନିଯୁକ୍ତି ସୁଯୋଗ ସୃଷ୍ଟି କରି ପାରିଛନ୍ତି ବୋଲି କହି ଗର୍ବ କରିବାର ଦିନ ଆଉ ନାହିଁ । ଏବେ 'ନିଯୁକ୍ତିର ମାନ'କୁ ଗୁରୁତ୍ୱ ଦିଆଯାଉଛି । ତେଣୁ ଛାତ୍ରଛାତ୍ରୀମାନେ କେଉଁ କମ୍ପାନୀରେ ଏବଂ କେତେ ଦରମାରେ ନିଯୁକ୍ତି ପାଉଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ । ଆଇଆଇପିଏମ୍‌ର ସହକାରୀ ନିର୍ଦ୍ଦେଶକ ଡ. ମିହିର ରଞ୍ଜନ ନାୟକ ଅନୁଷ୍ଠାନର ସଫଳତା ଉପରେ ଆଲୋକପାତ କରିଥିବାବେଳେ ପ୍ରଫେସର କେ.କେ.ଶ୍ରୀବାସ୍ତବ ଏହି ଉତ୍ସବକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଚଳିତ ଶିକ୍ଷାବର୍ଷରେ ନାମ ଲେଖାଇଥିବା ୧୯ ଜଣ ଛାତ୍ର ସେମାନଙ୍କ ପରିଚୟ ପ୍ରଦାନ କରିବା ସହିତ ଜୀବନର ଲକ୍ଷ୍ୟ ବିଷୟରେ କହିଥିଲେ ।